**ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ)ଙ୍କ କାର୍ଯ୍ୟାଳୟ, ପୁରୀ**
**("ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସଂପ୍ରସାରଣ ନିର୍ମାଣ", ପୁରୀ)**

# ଅଧିସୂଚନା

**ସଂଖ୍ୟା ୮୧୪୮ / ତାରିଖ ୨୨.୦/୦୯/୨୦୨୨**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ପୁରୀ ଜିଲ୍ଲାର "ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସଂପ୍ରସାରଣ ନିର୍ମାଣ" ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ୧୧ ଗୋଟି ମୌଜା- ବଳଗଣ୍ଡି, କୁମ୍ଭାରପଡା, ଅଠରନଳା, କାଶିହରିପୁର, ଅଠରନଳା @ଜିତକରମୁଣ୍ଡୁଲି ପାଟଣା, ଶିରେଇକୋଣା ପାଟଣା, ଭାରତିପୁର, କଦଳିବାରି ପାଟଣା, ଆଳିକିଆ, ଚକ୍ରବର୍ତ୍ତୀ ଏବଂ ବାଟଗାଁ, ତହସିଲ– ପୁରୀ, ଜିଲ୍ଲା-ପୁରୀ ରେ ନିମ୍ନ ତଫସିଲ ମତେ ପ୍ରାୟ ଏକର ୬.୪୭୬୫ ଡିସିମିଲ ( ବେସରକାରୀ ଜମି ଏ୫.୩୬୭୫ ଏବଂ ସରକାରୀ ଜମି ଏ ୧.୧୦୯) ଭୂମି ଅର୍ଜନ କରିବା ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-୨୦୧୩) ର ୧୧ (୧) ଧାରା ରେ ଭାରପ୍ରାପ୍ତ ସରକାରଙ୍କ ଦ୍ୱାରା (Appropriate Government) ପତ୍ର ସଂଖ୍ୟା ୩୧୨/ ତାରିଖ ୧୨.୦୫.୨୦୨୨ ରେ ଅଧିସୂଚନା ଜାରି କରାଯାଇଥିଲା ।

ଏହି ଅଧିସୂଚନାଟି ଉପ–ଜିଲ୍ଲାପାଳ,ପୁରୀ–ତଥା–ପ୍ରଶାସକ ପୁନର୍ବାସ ଓ ଥାଇଥାନ (ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା ୩୪୧୬୦ /ତାରିଖ ୧୭.୧୧.୨୦୧୪ ରେ ଧାରା ୪୩ ମତେ କ୍ଷମତା ପ୍ରାପ୍ତ ହୋଇ ଜିଲ୍ଲାର "ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସଂପ୍ରସାରଣ ନିର୍ମାଣ" ପ୍ରକଳ୍ପଙ୍କ ଦ୍ୱାରା ଧାରା ୧୬ (RFCTLAR&R Act-୨୦୧୩) ଅନୁଯାୟୀ ଜାରି କରାଯାଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-୨୦୧୩) ଧାରା ୧୬ (୪) ଅନୁଯାୟୀ ଘୋଷିତ ଏହି ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଏହି ଅଧିସୂଚନା ସହିତ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-୨୦୧୩) ର ପୁନର୍ବାସ ଓ ଥଇଥାନ ପ୍ରାବଧାନ (R&R scheme of Central Act) ତଥା ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରାବଧାନ (R&R scheme of this project) ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କିତ କୌଣସି ଆପତ୍ତି ଥାଏ, ସେ ଉକ୍ତ ଅଧିସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ଭୂ-ଅର୍ଜନ ଅଧିକାରୀ "ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସଂପ୍ରସାରଣ ନିର୍ମାଣ" ପ୍ରକଳ୍ପଙ୍କ କାର୍ଯ୍ୟାଳୟ, ପୁରୀରେ ଆପତ୍ତି ତଥା ସେମାନଙ୍କର (option) ଇଚ୍ଛା ଜାହିର ଲିଖିତ ଆକାରରେ କରିପାରିବେ।

**ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ**
**(ପୁନର୍ବାସ ଓ ଥାଇଥାନ),**
**ପୁରୀ**

ପରିପତ୍ର ସଂଖ୍ୟା ......୮୯୨୦...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ,ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

ପରିପତ୍ର ସଂଖ୍ୟା ......୮୯୨୧...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ନିର୍ବାହୀ ଅଧିକାରୀ ପୁରୀ ପୌରଷଦ, ପୁରୀ/ତହସିଲଦାର,ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

ପରିପତ୍ର ସଂଖ୍ୟା ......୮୯୨୨...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ , ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଜିଲ୍ଲା ୱେବସାଇଟରେ ଅପଲୋଡ କରିବା ପାଇଁ ଅନୁରୋଧ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

ପରିପତ୍ର ସଂଖ୍ୟା ......୮୯୨୩...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ଜିଲ୍ଲା ମଙ୍ଗଳ ଅଧିକାରୀ,ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

ପରିପତ୍ର ସଂଖ୍ୟା ......୮୯୨୪...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ଥାନା ଅଧିକାରୀ କୁମ୍ଭାରପଡା/ପୁରୀ ସଦର ,ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

ପରିପତ୍ର ସଂଖ୍ୟା ......୮୯୨୫...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ପୁରୀ ପୌରପରିଷଦ ଅନ୍ତର୍ଗତ ୨ ଗୋଟି ମୌଜା ଯଥା- ବଳଗଣ୍ଡି, କୁମ୍ଭାରପଡା ଏବଂ ଗୋପୀନାଥପୁର , କାଶିହରିପୁର ଏବଂ ହରେକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ମୌଜା-ଅଠରନଳା , କାଶିହରିପୁର, ଅଠରନଳା @ଜିତକରମୁଦୁଲି ପାଟଣା , ଶିରେଇକୋଣା ପାଟଣା, ଭାରତିପୁର ,କଦଳିବାରି ପାଟଣା, ଆଳିକିଆ, ଚକ୍ରବର୍ତୀ ଏବଂ ବାଟଗାଁ ର ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

ପରିପତ୍ର ସଂଖ୍ୟା ......୮୯୨୬...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ସରପଞ୍ଚ, ଗୋପୀନାଥପୁର, କାଶିହରିପୁର ଏବଂ ହରେକୃଷ୍ଣପୁର ପଞ୍ଚାୟତ ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

ପରିପତ୍ର ସଂଖ୍ୟା ......୮୯୨୭...... ତା......୨୦/୦୫/୨୦୨୨

ଏହାର ଏକକିତା ନକଲ ଭୁ- ଅର୍ଜନ ଅଧିକାରୀ, ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ), ପୁରୀ

**ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (RFCTLAR&R Act-୨୦୧୩)ର ଧାରା ୧୬ ଅନୁଯାୟୀ ପୁନର୍ବାସ ଏବଂ ଥଇଥାନ ଯୋଜନାର ଚିଠା ପ୍ରସ୍ତାବ ।**

**ମୌଜା- ବଳଗଣ୍ଡି, କୁମ୍ଭାରପଡା, ଅଠରନଳା, କାଶିହରିପୁର, ଅଠରନଳା @ଜିତକରମୁଦୁଲି ପାଟଣା, ଶିରେଇକୋଣା ପାଟଣା, ଭାରତିପୁର, କଦଳିବାରି ପାଟଣା, ଆଳିକିଆ, ଚକ୍ରବର୍ତୀ ଏବଂ ବାଟଗାଁ ।**

**L.A, Case No.- 14/22, 15/22, 16/22, 17/22, 18/22, 19/22, 20/22, 21/22, 22/22, 23/22 & 24/22.**

**"ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସଂପ୍ରସାରଣ ନିର୍ମାଣ", ପୁରୀ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା :- ଏ ୭.୪୭୭୫ (ସରକାରଙ୍କ ଜମି / ଶ୍ରୀ ଜଗନ୍ନାଥ ଙ୍କ ଜମି / ମଠ ଜମି/ ଘରୋଇ ଜମି)**

ପ୍ରକଳ୍ପ "ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସଂପ୍ରସାରଣ ନିର୍ମାଣ", ପୁରୀ ନିମନ୍ତେ ମୌଜା ବଳଗଣ୍ଡି , କୁମ୍ଭାରପଡା, ଅଠରନଳା , କାଶିହରିପୁର, ଅଠରନଳା @ଜିତକରମୁଦୁଲି ପାଟଣା , ଶିରେଇକୋଣା ପାଟଣା, ଭାରତିପୁର ,କଦଳିବାରି ପାଟଣା, ଆଳିକିଆ, ଚକ୍ରବର୍ତୀ ଏବଂ ବାଟଗାଁ ପାଇଁ ଜମି ଅଧିଗ୍ରହଣକୁ ଦୃଷ୍ଟିରେ ରଖି ଏହା ପୁନର୍ବାସ ଏବଂ ଥଇଥାନ ଯୋଜନାର ପ୍ରସ୍ତୁତିର ବିବରଣୀ ।

ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ପୁରୀ ଜିଲ୍ଲାର "ମେଡିକାଲ ସ୍କୋୟାର ଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ସଂପ୍ରସାରଣ ନିର୍ମାଣ" ପ୍ରକଳ୍ପ ନିମନ୍ତେ ଭୂମି ଅର୍ଜନ କରିବା ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-୨୦୧୩)ର ଧାରା ୧୧ (୧) ରେ ଯଥାଯୋଗ୍ୟ ସରକାରଙ୍କ ଦ୍ୱାରା (Appropriate Government) ପତ୍ର ସଂଖ୍ୟା ୩୯୨ / ତାରିଖ ୧୨.୦୫.୨୦୨୨ ରେ ଅଧିସୂଚନା ଜାରି କରାଯାଇଥିଲା । ଏହି ଅଧିସୂଚନା ପ୍ରଭାବିତ ମୌଜାରେ ଜାରିକରାଯାଇଥିଲା । ମୌଜା- ବଳଗଣ୍ଡି, କୁମ୍ଭାରପଡା, ଅଠରନଳା, କାଶିହରିପୁର, ଅଠରନଳା @ଜିତକରମୁଦୁଲି ପାଟଣା, ଶିରେଇକୋଣା ପାଟଣା, ଭାରତିପୁର ,କଦଳିବାରି ପାଟଣା, ଆଳିକିଆ, ଚକ୍ରବର୍ତୀ ଏବଂ ବାଟଗାଁ ର ପ୍ରଭାବିତ ବ୍ୟକ୍ତିଙ୍କଠାରୁ ଗ୍ରହଣ କରାଯାଇଥିବା ଅଭିଯୋଗ ଆପତ୍ତି ଉପରେ ଶୁଣାଣି କରାଯାଇ ଭୂ-ଅର୍ଜନ ଅଧିକାରୀ, ପୁରୀଙ୍କ ଦ୍ୱାରା ଫଏସଲା କରାଯାଇଥିଲା।

ପ୍ରଭାବିତ ପରିବାରର ପୁନର୍ବାସ ଏବଂ ଥଇଥାନର ସର୍ଭେକ୍ଷଣ ପାଇଁ ରାଜସ୍ୱ ଅଧିକାରୀ, ଇଞ୍ଜିନିୟର୍, ଉଦ୍ୟାନ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଏବଂ ଅମିନ ଙ୍କୁ ନେଇ ତିନୋଟି ଦଳ ଦ୍ୱାରା ସର୍ଭେ କରାଯାଇଥିଲା । ସର୍ଭେକ୍ଷଣ ପରେ କମିଟି ସେମାନଙ୍କ ରିପୋର୍ଟ ଦାଖଲ କରିଛି ଯାହାକି କେସ୍ ରେକର୍ଡର ଏକ ଅଂଶ ଅଟେ | ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (RFCTLAR&R Act-୨୦୧୩)ର ଧାରା ୧୬(୧) ଅନ୍ତର୍ଗତ ପରିବାରର ସର୍ଭେକ୍ଷଣ ସମୟରେ ଧାର୍ଯ୍ୟ କରାଯାଇଥିବା ନିମ୍ନ ପ୍ରସଙ୍ଗଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଥିଲା।

a. ପ୍ରତ୍ୟେକ ପ୍ରଭାବିତ ପରିବାରର ଜମି ଅଧିଗ୍ରହଣ ଏବଂ ସ୍ଥାବର ସମ୍ପତ୍ତି |

b. ଭୂମିହୀନ ତଥା ଭୂମି ହରାଉଥିବା ବ୍ୟକ୍ତି ଯେଉଁମାନଙ୍କର ଜୀବିକା ମୁଖ୍ୟତଃ ଅର୍ଜିତ ହେବାକୁ ଥିବା ଭୂମି ଉପରେ ନିର୍ଭରଶୀଳ, ସେମାନଙ୍କର ଜୀବିକା ଉପରେ ପ୍ରତିକୂଳ ପ୍ରଭାବ।

c. ଯେଉଁ କ୍ଷେତ୍ରରେ ପ୍ରଭାବିତ ପରିବାରଙ୍କ ଥଇଥାନ ଆବଶ୍ୟକ, ସେହି କ୍ଷେତ୍ରରେ ସର୍ବସାଧାରଣ ଓ ସରକାରୀ ବ୍ୟବହୃତ ସମ୍ପତ୍ତିର ତାଲିକା ।

d. ଯେଉଁ କ୍ଷେତ୍ରରେ ପ୍ରଭାବିତ ପରିବାରଙ୍କ ଥଇଥାନ ଆବଶ୍ୟକ, ସେହି କ୍ଷେତ୍ରରେ ପ୍ରଭାବିତ ସୁବିଧାସୁଯୋଗ ଏବଂ ଭିତ୍ତିଭୂମିର ତାଲିକା ।

e. ଅଧିଗ୍ରହିତ ହେଉଥିବା ସର୍ବସାଧାରଣ ସମ୍ପତ୍ତିର ତଥ୍ୟ ।

**ପୁନର୍ବାସ ଓ ଥଇଥାନ ଯୋଜନା ପାଇଁ ଡ୍ରାଫ୍ଟ ପ୍ରସ୍ତୁତ କରିବାବେଳେ ନିମ୍ନଲିଖିତ ମାର୍ଗଦର୍ଶିକା ଅନୁସରଣ କରାଯାଇଥିଲା**

i. RFCTLA R&R Act-2013 ର ପରିଶିଷ୍ଟ-୨, OR&R Policy-2006, ORFCTLA R&R Rules-2016 ଓ ବିଜ୍ଞପ୍ତି ସଂଖ୍ୟା ୧୫୮୦୦/R&DM ତା ୨୫.୦୫.୨୦୨୧ କୁ ଦୃଷ୍ଟିରେ ରଖି ପୁନର୍ବାସ ଏବଂ ଥଇଥାନ ଯୋଜନା ଚିଠା ପ୍ରସ୍ତୁତ କରାଯାଇଛି।

ii. ବର୍ଷ -୨୦୨୨ ରେ ପ୍ରକୃତ ବିସ୍ଥାପନ ହେଉଥିବା ହେତୁ OR&R ନୀତି 2006 ର ନିୟମ 2(c) ଅନୁଯାୟୀ ପୁନର୍ବାସ ଏବଂ ଥଇଥାନର ଯୋଗ୍ୟତା ପାଇଁ ୧ ଜାନୁଆରୀ ବର୍ଷ -୨୦୨୨କୁ ଧାର୍ଯ୍ୟ ତାରିଖ ଭାବରେ ନିଆଯାଇଅଛି ।

**(A) ବ୍ୟକ୍ତିଗତ ଜମି ଉପରେ ସମ୍ପୂର୍ଣ ବିସ୍ଥାପିତ ହେଉଥିବା ପ୍ରତି ପରିବାର ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ୍।**

i. ଗୃହ ଜମି ପାଇଁ ରାଶି ୯୧,୦୦୦/-

ii. ଗୃହ ନିର୍ମାଣ ପାଇଁ ରାଶି ୨,୭୩,୦୦୦/-

iii. ଏକକାଳୀନ ଥଇଥାନ ପାଇଁ ରାଶି ୫୦,୦୦୦/-

**(B) ବ୍ୟକ୍ତିଗତ ଜମି ଉପରେ ଆଂଶିକ ବିସ୍ଥାପିତ ହେଉଥିବା ପ୍ରତି ପରିବାର ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ୍।**

i. ଏକକାଳୀନ ଥଇଥାନ ରାଶି ୫୦,୦୦୦/-

**(C ) ସରକାରୀ ଜମି/ ଜଗନ୍ନାଥ ମହାପ୍ରଭୁଙ୍କ ଜମି/ ବ୍ୟକ୍ତିଗତ ଜମି/ ମଠ ମନ୍ଦିର ଜମି ଉପରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ୍:-**

**୧) ପ୍ରଭାବିତ ଅଞ୍ଚଳରେ ଛୋଟ ବ୍ୟବସାୟୀ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ଏକକାଳୀନ ଥଇଥାନ ରାଶି ଯଥା –**

(I) ଚଟାଣ କ୍ଷେତ୍ର ≤ ୧୦୦ ବର୍ଗଫୁଟକୁ ରାଶି ୧,୨୫,୦୦୦/-

(II) ଚଟାଣ କ୍ଷେତ୍ର > ୧୦୦ ବର୍ଗଫୁଟ ≤ ୨00 ବର୍ଗଫୁଟକୁ ରାଶି ୨,୦୦,୦୦୦/-

(III) ଚଟାଣ କ୍ଷେତ୍ର >୨୦୦ ବର୍ଗଫୁଟକୁ ରାଶି ୨,୫୦,୦୦୦/-

**(D) ସରକାରୀ ଜମି, ବେସରକାରୀ ଜମି ,ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଜମି, ଦେବୋତ୍ତର ଜମି ଏବଂ ମଠ ଜମିରେ ବେଆଇନ ଭାବେ ଗୃହ ନିର୍ମାଣ କରି ବାସକରୁଥିବେ ଏବଂ ସମ୍ପୂର୍ଣ ବିସ୍ଥାପିତ ହେଉଥିବା ପ୍ରତି ପରିବାର ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ୍।**

i. Ex-gratia Assistance ଅର୍ଥାତ୍ ଗୃହର ମୂଲ୍ୟ: - ଓଡିଶା ପୁନର୍ବାସ ଏବଂ ଥଇଥାନ ନୀତି -2006 ର ଅନୁଚ୍ଛେଦ ୨ (b) ଅନୁଯାୟୀ ।

**ii.** ଗୃହ ନିର୍ମାଣ ସହାୟତା ରାଶି ୨,୭୩,୦୦୦/- for each R&R family (ଓଡିଶା ପୁନର୍ବାସ ଏବଂ ଥଇଥାନ ନୀତି -2006 ର ଅନୁଚ୍ଛେଦ ୨ (b) ଅନୁଯାୟୀ )

**(E) ସରକାରୀ ଜମି, ବେସରକାରୀ ଜମି , ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଜମି , ଦେବୋତ୍ତର ଜମି ଏବଂ ମଠ ଜମିରେ ବେଆଇନ ଭାବେ ଗୃହ ନିର୍ମାଣ କରି ବାସକରୁଥିବେ ଏବଂ ଆଂଶିକ ବିସ୍ଥାପିତ ହେଉଥିବା ପରିବାର ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ୍।**

i. Ex-gratia Assistance ଅର୍ଥାତ୍ ଗୃହର ମୂଲ୍ୟ: - ଓଡିଶା ପୁନର୍ବାସ ଏବଂ ଥଇଥାନ ନୀତି -2006 ର ଅନୁଛେଦ ୨ (b) ଅନୁଯାୟୀ ।

**(F ) ସରକାରୀ ଜମି/ବେସରକାରୀ ଜମି / ଜଗନ୍ନାଥ ମହାପ୍ରଭୁଙ୍କ ଜମି/ ଦେବୋତ୍ତର ଜମି / ମଠ ଜମି ଉପରେ ଥିବା କ୍ଷୁଦ୍ର ଦୋକାନ ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ୍:-**

i. କ୍ଷୁଦ୍ର ଦୋକାନ ପାଇଁ ଏକକାଳୀନ ଥଇଥାନ ରାଶି ୨୫,୦୦୦/-
(RFCTLA R&R Act-2013 ର ପରିଶିଷ୍ଟ-୨)

ଉକ୍ତ ପୁନର୍ବାସ ଏବଂ ଥଇଥାନ ଚିଠା ପ୍ରସ୍ତାବକୁ ସମ୍ପୃକ୍ତ ମୌଜାରେ ଜନଶୁଣାଣି ପାଇଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ୧୫ ଦିନିଆ ନୋଟିସ ଜାରି କରାଯାଉ ।

**ଉପ – ଜିଲ୍ଲାପାଳ –ତଥା –ପ୍ରଶାସକ (ପୁନର୍ବାସ ଓ ଥାଇଥାନ)**
**ପୁରୀ**
Sub-Collector-Cum-Administrator
Rehabilitation and Resettlement,
Puri

**Draft Rehabilitation and Resettlement package for the project "Improvement and widening of Road from Batagaon to Medical Square, Puri" of Mouza- Balagandi , Kumbharapada , Atharanala , Kashiharipur , Atharanala alias Jitakarmudulupatana , Sireikonapatana , Bharatipur , Kadalibaripatana , Alikia , Chakrabrati & Batagaon**

**Benefits under Second schedule of RFCTLA R&R Act-2013, ORR policy-2007 vis-à-vis Resolution No-15800 dt. 25.05.2021 of Govt. in R&DM Deptt.**

## Area proposed to be Acquired :- Ac. 6.4765

**(Govt. land/SJTA land/Matha land/Private land)**

This is regarding preparation of Draft Rehabilitation & Resettlement Scheme in view of land acquisition for the project "Improvement and widening of Road from Batagaon to Medical Square, Puri" in Mouza Balagandi , Kumbharapada , Atharanala , Kashiharipur , Atharanala alias Jitakarmudulupatana , Sireikonapatana , Bharatipur , Kadalibaripatana , Alikia , Chakrabrati & Batagaon.

In this case preliminary Notification bearing No. 392 dt. 12.05.2022 U/s 11(1) of Right to Fair compensation and Transparency in land Acquisition, Rehabilitation & Resettlement Act- 2013 was published in the locality by beat of drum on dt. 23.05.2022 for information of public inviting objections received on or before 29.07.2022 for hearing by L.A Collector. Objections were heard by L.A.O in L.A.Case No. 14/2022, 15/2022, 16/2022, 17/2022, 18/2022, 19/2022, 20/2022, 21/2022, 22/2022 , 23/2022, & 24/2022 for Mouza- Balagandi , Kumbharapada , Atharanala , Kashiharipur , Atharanala alias Jitakarmudulupatana , Sireikonapatana , Bharatipur , Kadalibaripatana , Alikia , Chakrabrati & Batagaon are disposed.

The survey for R&R of affected families was conducted by three teams consisting of Revenue Officers, Engineers, Horticulture Staff, R.I & Amin. The committee after survey submitted their report which is part of the case record. The survey U/s 16 was conducted to undertake a census of affected families which included following points as stipulated in section-16(1) of RFCTLA R&R Act. 2013.

a. Particulars of lands and immovable properties being acquired of each affected family.
b. Livelihoods lost in respect of land losers and landless whose livelihoods are primarily dependent on the lands being acquired.
c. A list of public utilities and Government buildings which are affected or likely to be affected, where resettlement of affected families is involved.

d. Details the amenities and infrastructural facilities which are affected or likely to be affected, where resettlement of affected families is involved.

e. Details of any common property resources being acquired.

1. **While preparing the draft for Rehabilitation and Resettlement Scheme following guiding principles were followed.**

i. The R&R plan has been prepared keeping in view of the 2nd Schedule of RFCTLA R&R Act-2013, OR&R Ploicy-2007 & ORFCTLA&R Rule-2016 read with Resolution No. 15800/ R&DM/dt. 25.05.2021 .

ii. The cut off date for eligibility of R&R is taken as the 1st January of the year-2022 in which actual physical displacement shall be taken place as per rule 2 (c) of O R&R Policy 2006.

| | |
|---|---|
| **PART-A**<br>**Rehabilitation and Resettlement assistance for Acquisition of Residential house on private land.** | |
| (a) Displaced families due to complete acquisition of residential structures. | Each R&R family will be entitled to following R&R assistances.<br>1. Cash Equivalent of HS land- Rs. 91,000/- (as per resolution)<br>2. House Building Assistance- Rs.2,73,000/- (as per resolution)<br>3. One-time resettlement Allowance - Rs. 50,000/- (Second Shedule Sl. No. 10) |
| (b) Affected families due to part acquisition of residential structures | Each R&R family will be entitled to following R&R assistances.<br>1. One-time Resettlement Allowance :-Rs. 50,000/-( Sl. No-10 Second Schedule) |
| **PART-B**<br>**Rehabilitation and Resettlement assistance for Acquisition of commercial structures on private land. Govt. Land/ SJTA Land/ Matha Land/ other Deity land.** | |
| (a) For shop keeper | 1. One time grant to small traders and commercial structure in the affected area- As below<br>Floor Area ≤ 100Sq.ft Rs. 1,25,000/-<br>Floor Area > 100Sq.ft ≤ 200 Sq.ft Rs. 2,00,000/-<br>Floor Area > 200Sq.ft Rs. 2,50,000/- |

| PART-C<br>**Rehabilitation and Resettlement for Residential Structures of Encroachment on Private land/ Govt. land/SJTA land/ Deity land/ Matha Land.** | |
|---|---|
| (a) Displaced families due to complete acquisition of residential structures. | (a) Ex-Gratia i.e.,actual cost of structure.<br>(b) House Building Assistance- Rs.2,73,000/- for each R&R family.<br>**(As per ORR policy-2006, Rule 9B)** |
| (b) Affected families due to part acquisition of residential structures | (a) Ex-Gratia i.e., actual cost of structure.<br>**(As per ORR policy-2006, Rule 9B)** |
| **PART-D**<br>**Rehabilitation and Resettlement assistance for Acquisition of Petty Shop on Govt Land/SJTA Land/Private Land/ Matha Land** | |
| | 1. One time grant to Petty shop in the affected area- Rs.25,000/- (Second Schedule Sl. No-7) |
| | |

Send this Draft R&R plan for wide publicity for public hearing in affected Mouza having 15 days prior notice.

30.9.22

**Sub-Collector-Cum-R&R-**
**Administrator, Puri**

Sub-Collector-Cum-Administrator
Rehabilitation and Resettlment,
Puri